# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26 September – 2025**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- ଝାରସୁଗୁଡ଼ାରେ ଆସନ୍ତାକାଲି ୧ ହଜାର ୭୦୦ କୋଟି ଟଙ୍କା ମୂଲ୍ୟର ରେଳପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ
- ଲଘୁଚାପଜନିତ ବର୍ଷା ଓ ସମ୍ଭାବ୍ୟ ବନ୍ୟାସ୍ଥିତିର ମୁକାବିଲା ନେଇ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ଆଗାମୀ ନିର୍ବାଚନ ତାଲିକାର ବିଶେଷ ସଘନ ସଂଶୋଧନର ସମୀକ୍ଷା କଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ
- ପ୍ରକାଶ ପାଇଲା ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା ଫଳ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ଅବପାତରେ ପରିଣତ ହେବାର ସମ୍ଭାବନା

— ଅତି ପ୍ରବଳ ବର୍ଷା ହେବା ନେଇ କୋରାପୁଟ, ମାଲକାନଗିରି ଓ କଳାହାଣ୍ଡି ଜିଲ୍ଲାକୁ ସତର୍କ ସୂଚନା

## ପ୍ରଧାନମନ୍ତ୍ରୀ ଗସ୍ତ - ପ୍ରସ୍ତୁତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ାଠାରେ ୧ ହଜାର ୭୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୩ଟି ପ୍ରମୁଖ ରେଳପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ମୋଦୀ ସମ୍ବଲପୁର ସିଟି ଏବଂ ସରଲା ମଧ୍ୟରେ ରେଳ ଫ୍ଲାଏଓଭର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସହ ବ୍ରହ୍ମପୁର ଏବଂ ସୁରଟର ଉଧନା ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବେ। ଏହାସହ କୋରାପୁଟ ବାଇଗୁଡ଼ା ରେଳଲାଇନ୍ ଓ ମାନାବାର-କୋରାପୁଟ-ଗୋରାପୁର ରେଳଲାଇନ୍‌ର ଦୋହରୀକରଣର ଲୋକାର୍ପଣ କରିବେ। ଏହି ଅବସରରେ ଶ୍ରୀମୋଦୀ ସେବା ପର୍ବର ଅଂଶବିଶେଷ ଭାବେ ଦେଶର ୮ଟି ଆଇଆଇଟିର ସଂପ୍ରସାରଣ ନେଇ ଘୋଷଣା କରିବା ସହ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ତଥା ସମ୍ବଲପୁରସ୍ଥିତ ଭୀମ୍‌ସାର ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ସୁପର ସ୍ପେଶାଲିଟି ସ୍ତରକୁ ଉନ୍ନୀତ କରିବା ପାଇଁ ଘୋଷଣା କରିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନାର ହିତାଧିକାରୀଙ୍କୁ ମଧ୍ୟ ସହାୟତା ବଣ୍ଟନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଏସ୍‌ଏନ୍‌ଏଲ୍ ଫୋର-ଜି ସେବାର ମଧ୍ୟ ଶୁଭାରମ୍ଭ କରିବେ।

## ବନ୍ୟାସ୍ଥିତି-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାରସୁଗୁଡ଼ାରେ ଲଘୁଚାପ ଜନିତ ଲଗାଣ ବର୍ଷା ଏବଂ ସମ୍ଭାବ୍ୟ ବନ୍ୟାସ୍ଥିତିର ମୁକାବିଲା ନେଇ ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ସମ୍ଭାବ୍ୟ ବନ୍ୟାସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଏଥିପାଇଁ ଜିଲ୍ଲା ଓ ବ୍ଲକ୍ ସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷକୁ କାର୍ଯ୍ୟକାରୀ କରାଯାଇଛି। ଏହା ସହ ଦୁର୍ବଳ ନଦୀ ଓ କେନାଲ ବନ୍ଧର ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଏସ୍ଆଇଆର୍

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍.ଗୋପାଳନ୍‌ଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଆଗାମୀ ନିର୍ବାଚନ ତାଲିକାର ବିଶେଷ ସଘନ ସଂଶୋଧନ-ଏସ୍ଆଇଆର୍-୨୦୨୬ ପ୍ରସ୍ତୁତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କ୍ଷେତ୍ର ସ୍ତରୀୟ କାର୍ଯ୍ୟାନ୍ୱୟନର ସ୍ଥିତି ଏବଂ ବିଶେଷ ସଘନ ସଂଶୋଧନରେ ସୁଗମ ପରିଚାଳନା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଛି। ଶ୍ରୀ ଗୋପାଳନ୍ ଅଧିକାରୀମାନଙ୍କୁ ଅଧିକ କ୍ରିୟାଶୀଳ ହେବା ସହ ସଂଶୋଧନ ପ୍ରକ୍ରିୟା ଚାଲୁଥିବା ତଥା ଅନ୍ୟ ସମୟରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଏସ୍ଆଇଆର ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁସାରେ କରାଯିବ। ୨୦୦୨ ଓ ୨୦୨୫ ନିର୍ବାଚନ ତାଲିକା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ସମସ୍ତ ଜିଲ୍ଲାର ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳମାନେ ଉପସ୍ଥିତ ଥିଲେ।

## ମକ୍କା ମିଶନ

ଭୁବନେଶ୍ୱର କୃଷି ଭବନଠାରେ ମୁଖ୍ୟମନ୍ତ୍ରୀ ମକ୍‌କା ମିଶନ ଅଧିନରେ ପ୍ରଥମ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ କର୍ମଶାଳାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ପାଢ଼ୀ କହିଛନ୍ତି, ରାଜ୍ୟର ୧୫ଟି ଜିଲ୍ଲା ଓ ୪୫ଟି ବ୍ଲକ୍‌ରେ ମକ୍‌କା ମିଶନ କାର୍ଯ୍ୟ କରୁଛି। ନିୟମିତ କ୍ରେତା-ବିକ୍ରେତା ବୈଠକ ମକ୍‌କା ବିପଣନରେ ସକରାତ୍ମକ ପ୍ରଭାବ ପକାଇଛି ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ମକ୍‌କା ବିପଣନକୁ ସୁଦୃଢ଼ କରିବା ପାଇଁ ୧୦ଟି କୃଷକ ଉତ୍ପାଦକ ସଂଗଠନ ଓ ମକ୍‌କା କ୍ରେତାଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

## ସାଥି ଆପ୍

ରାଜ୍ୟରେ ପ୍ରଥମ କରି **କନ୍ଧମାଳ** ପୁଲିସ୍ ପକ୍ଷରୁ ସାଧାରଣ ଜନତାଙ୍କୁ ସହାୟତା ପାଇଁ କ୍ୟୁଆର୍ କୋଡ୍ ଆଧାରିତ ନାଗରିକ କେନ୍ଦ୍ରିକ ହ୍ୱାଟସ୍‌ଆପ୍ ସେବା 'ସାଥି' ଆରମ୍ଭ କରାଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବ୍ରହ୍ମପୁର ଆଇ.ଜି.ନୀତି ଶେଖର ସର୍ବସାଧାରଣଙ୍କ ପାଇଁ ସାଥିର ଉଦ୍‌ଘାଟନ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ ଆଇ.ଜି. ନୀତି ଶେଖର କହିଛନ୍ତି....

**- V/O -(**ନୀତି ଶେଖର**)**

## ଓସିଏସ୍

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍, ଓସିଏସ୍ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଏଥିରେ ୩୮୯ ଜଣ

ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି।  ପ୍ରିୟାଂଶୁ ପାଲ୍  ଶୀର୍ଷ ସ୍ଥାନ ଅଧିକାର କରିଥିବାବେଳେ  ଅନନ୍ୟା ମିଶ୍ର ଦ୍ୱିତୀୟ ଏବଂ ଶୋଭନ ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୩୮୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୪ ଜଣ ଝିଅ ରହିଛନ୍ତି। ଓସିଏସ୍ ପରୀକ୍ଷାରେ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କୁ ଶୁଭକାମନା ଜଣାଇଛନ୍ତି।

## ଓଟିଇଟି

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଟିଇଟି ଆସନ୍ତାକାଲି ଅନୁଷ୍ଠିତ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍ୱଚ୍ଛତାର ସହ ପରୀକ୍ଷାର ଆୟୋଜନ ନେଇ ଗୁରୁତ୍ୱାରୋପ କରିଛନ୍ତି।

# ପିଏମ୍-ସେବାପର୍ବ

## Seba Parba Opening

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା, କେନ୍ଦ୍ର ସରକାର ଭାରତର ମହାକାଶ କ୍ଷେତ୍ରକୁ ଶିଖରରେ ପହଞ୍ଚାଇବା ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ......

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମହାକାଶ କ୍ଷେତ୍ରରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଧାନମନ୍ତ୍ରୀ ଚଳିତବର୍ଷ ଜାତୀୟ ମହାକାଶ ଦିବସ ଅବସରରେ କହିଥିଲେ, ମହାକାଶ କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ମାଇଲଖୁଣ୍ଟ ହାସଲ କରିବା ଏବେ ଆମପାଇଁ ଦ୍ୱିତୀୟ ପ୍ରକୃତି ପାଲଟିଛି....

**- V/O -PM**

ଜାନୁଆରୀ ମାସରେ ଭାରତ ମହାକାଶରେ ଡକିଂ ଏବଂ ଅନ୍‌ଡକିଂ କରିବାର କ୍ଷମତା ସହିତ ଚତୁର୍ଥ ଦେଶ ପାଲଟିଛି । ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ମହାକାଶକୁ ସଫଳ ଯାତ୍ରା ଗଗନଯାନ ଭାରତର ପ୍ରଥମ ମାନବ ମହାକାଶ ଉଡାଣର ସଫଳତାର ପ୍ରଥମ ପଦକ୍ଷେପ । ମହାକାଶ ପ୍ରଯୁକ୍ତି ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଘରୋଇ କ୍ଷେତ୍ରକୁ ଏଥିରେ ସାମିଲ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ଏହାର ମହାକାଶ ମହତ୍ୱାକାଂକ୍ଷାକୁ ପୁନଃ ପରିଭାଷିତ କରିଛି । ଜାତୀୟ ପ୍ରଗତି ସହ ପ୍ରଯୁକ୍ତି ସୀମାକୁ ବିସ୍ତାର କରିଛି ।

## Seba Parba Closing

## ଜିଏସ୍‌ଟି ସଂସ୍କାର

**ନୟାଗଡ଼** ଜିଲ୍ଲା ରଣପୁର ବ୍ଲକ୍ ଅଂଚଳରେ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ଜିଏସ୍‌ଟି ସଂସ୍କାର ସଂପର୍କିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଜିଏସ୍‌ଟି ହାର ହ୍ରାସ ଦ୍ୱାରା ସାଧାରଣ ଲୋକ ଉପକୃତ ହୋଇଛନ୍ତି ।

ଏହାଦ୍ୱାରା ଅର୍ଥ ସଂଚୟ କରିବାର ସୁଯୋଗ ସୃଷ୍ଟି ହୋଇଛି ବୋଲି ଡକ୍ଟର ପାତ୍ର କହିଛନ୍ତି।

## ସୁସ୍ଥ ନାରୀ ସଶକ୍ତ ପରିବାର

**ବୌଦ୍ଧ** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ ନେଇ ଏକ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ସମସ୍ତେ ସଂକଳ୍ପ ନେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ଏହି ଅବସରରେ ଚିକିତ୍ସାଳୟ ପରିସରରେ 'ଏକ ପେଡ୍ ମା' କେ ନାମ୍' ଅଭିଯାନରେ ବୃକ୍ଷରୋପଣ କରାଯାଇଛି।

## ପ୍ରଶିକ୍ଷଣ ଶିବିର

**ନୟାଗଡ଼** ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାର ମିଶନ ଶକ୍ତି ଭବନଠାରେ ଯୌତୁକ ନିରୋଧ ଅଧିନିୟମ ୧୯୬୧ ଉପରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଯୌତୁକ ପ୍ରଥାକୁ ପ୍ରତିହତ କରିବା ନେଇ ଉପଜିଲ୍ଲାପାଳ ତପତି ରାଜ ସମସ୍ତଙ୍କୁ ଶପଥପାଠ କରାଇଥିଲେ।

## ସମୀକ୍ଷା ବୈଠକ

**ବୌଦ୍ଧ** ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସ୍ଥିତି ନେଇ ସମୀକ୍ଷା

ହୋଇଥିଲା । ଜିଲ୍ଲା ସମାଜମଙ୍ଗଳ ବିଭାଗ ପକ୍ଷରୁ ଆୟୋଜିତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଅଧ୍ୟକ୍ଷତା କରିଥିଲେ ।

## ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ

**ବୌଦ୍ଧ** ଜିଲ୍ଲା ବୀରନରସିଂହପୁରରେ ସ୍ୱାବଲମ୍ବୀ ଭାରତ ଅଭିଯାନ ପକ୍ଷରୁ ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କୁ ସ୍ୱଦେଶୀ ବସ୍ତୁ ବ୍ୟବହାର କରିବା ସହିତ ସ୍ୱାବଲମ୍ବୀ ହେବା ପାଇଁ ବକ୍ତାମାନେ ପରାମର୍ଶ ଦେଇଛନ୍ତି ।

## ଆକାଶବାଣୀ ହିନ୍ଦୀ ପକ୍ଷ

ଆକାଶବାଣୀ, କଟକ କେନ୍ଦ୍ରରେ ଚଳିତମାସ ୧୨ ତାରିଖରୁ ଆରମ୍ଭ ହୋଇଥିବା ରାଜଭାଷା ପକ୍ଷ ଆଜି ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ ଶୈଳବାଳା ମହିଳା ମହାବିଦ୍ୟାଳୟର ହିନ୍ଦୀ ବିଭାଗର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସୁଶାନ୍ତ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଆକାଶବାଣୀର ଉପମହାନିର୍ଦ୍ଦେଶକ ଅଭିଯାନ୍ତ୍ରିକ ଭି.ଏମ୍.ରତ୍ନପ୍ରସାଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଆଂଚଳିକ ସମ୍ବାଦ ବିଭାଗର ଉପମହାନିର୍ଦ୍ଦେଶକ ସତ୍ୟନାରାୟଣ ପଟ୍ଟନାୟକ, କାର୍ଯ୍ୟକ୍ରମ ପ୍ରମୁଖ ମାନସ ରଞ୍ଜନ ନାୟକ, ପୂର୍ବତନ ସହକାରୀ ନିର୍ଦ୍ଦେଶକ ସୁରେନ୍ଦ୍ର ସାମଲଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ । ରାଜଭାଷା ବିଭାଗର ପ୍ରଭାରୀ ତଥା ବ୍ୟକ୍ତିଗତ ସଚିବ ଖତ୍ରି ମାର୍ଣ୍ଡି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ବାତ୍ୟା ପ୍ରସ୍ତୁତି ବୈଠକ

**ଗଞ୍ଜାମ** ଜିଲ୍ଲାରେ ସମ୍ଭାବ୍ୟ ବର୍ଷାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲାପାଳ ଭି. କିର୍ତ୍ତିଭାଷନ୍‌ଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ସମୀକ୍ଷା ବୈଠକ ହୋଇଯାଇଛି।

## ପାଣିପାଗ

ଉତ୍ତର-ପଶ୍ଚିମ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ  ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଲଘୁଚାପ ଆଜି ସୁଦ୍ଧା ଉତ୍ତର-ପଶ୍ଚିମ ଓ ପଶ୍ଚିମ-କେନ୍ଦ୍ର ବଙ୍ଗୋପସାଗର ଏବଂ ଦକ୍ଷିଣ-ଓଡ଼ିଶା ଉତ୍ତର-ଆନ୍ଧ୍ରପ୍ରଦେଶ ଉପକୂଳରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ଆସନ୍ତାକାଲି ସୁଦ୍ଧା ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଲଘୁଚାପର ପ୍ରଭାବରେ ରାଜ୍ୟରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ବିଜୁଳି-ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ଅନ୍ୟ ୨୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଆସନ୍ତା କାଲି ପାଇଁ **କୋରାପୁଟ** ଜିଲ୍ଲାରେ ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି।